ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/S&ME (OD)/1318/19-02-2021

# ଅବସରପ୍ରାପ୍ତ ଶିକ୍ଷାକର୍ମଚାରୀଙ୍କ ଭବିଷ୍ୟନିଧି ଅର୍ଥ ଏଣିକି ବ୍ୟାଙ୍କ ଖାତାରେ ଜମାହେବ

**ଭୁବନେଶ୍ୱର :୧୯ ଫେବୃଆରୀ ୨୦୨୧**

ସରକାରୀ/ବେସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରୁ ଅବସର ଗ୍ରହଣ କରିଥିବା ଅଧ୍ୟାପକ ଓ କର୍ମଚାରୀଙ୍କ ପୂର୍ଣ୍ଣାଙ୍ଗ/ପୁନଃମୂଲ୍ୟାୟନ ଭବିଷ୍ୟନିଧି ପାଣ୍ଠି ଅର୍ଥ ରାଜ୍ୟ ପେନସନ୍ ଟ୍ରେଜେରୀ ମାଧ୍ୟମରେ ସେମାନଙ୍କ ବ୍ୟାଙ୍କ ଜମାଖାତାରେ ସିଧାସଳଖ ଜମା କରାଯାଉଛି । ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଚିଠି ସଂଖ୍ୟା ୨୬୯୬୮ ତା.୦୬/୧୦/୨୦ ଏବଂ ଲେଖା ନିୟନ୍ତ୍ରକଙ୍କ ଆଦେଶ ସଂଖ୍ୟା ୧୫, ତା. ୧୯/୦୧/୨୦୨୧ ଅନୁସାରେ ଏହି ପାଣ୍ଠି ଅର୍ଥ ରାଜ୍ୟ ପେନସନ୍ ଟ୍ରେଜେରୀ ମାଧ୍ୟମରେ ଜମା କରାଯାଉଛି । ପୂର୍ବରୁ ବିତରଣ ଅଧିକାରୀ (ଡିଡିଓ)ଙ୍କ ମାଧ୍ୟମରେ ଏହା ଜମା ହେଉଥିଲା । ବ୍ୟାଙ୍କଖାତାରେ ଅର୍ଥ ଜମା ବାବଦରେ ଉପଭୋକ୍ତାଙ୍କୁ ପଞ୍ଜୀକୃତ ମୋବାଇଲ୍ ନମ୍ବରରେ ମଧ୍ୟ ସୂଚନା ଦିଆଯାଉଛି । ଏ ସଂପର୍କରେ ମଧ୍ୟ ସଂପୃକ୍ତ ବ୍ୟାଙ୍କ ସହ ହିତାଧିକାରୀ ଯୋଗାଯୋଗ କରିପାରିବେ ।

ସଚ୍ଚିଦାନନ୍ଦ ବେହେରା
ସୂଚନା ଅଧିକାରୀ